# <u>ମୀନା ବଜାର ନିଲାମ ଇସ୍ତାହାର</u>

ପତ୍ର ସଂ ୨୪୧୫                      ତା. **୧୪.୦୫.୨୦୨୫**

ଚଳିତ ୨୦୨୫ ବର୍ଷ ପାରଳାଖେମୁଣ୍ଡି ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚାବାଡ଼ି ପଡ଼ିଆ ଠାରେ ମୀନା ବଜାର ଆୟୋଜନ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଅଥବା ଅନୁଷ୍ଠାନ ଠାରୁ ନିଲାମ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆବଶ୍ୟକ ଦସ୍ତାବିଜ୍ ଓ ଅମାନତ ରାଶି ସହ ଜଉମୁଦ ଦିଆ ଲଫାପାରେ ଆସନ୍ତା **ତା. ୨୮.୦୫.୨୦୨୫ ରିଖ ଦିବା ୨.୦୦ ଘଣ୍ଟା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୨୮.୦୫.୨୦୨୫ ରିଖ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏଥି ସଂକ୍ରାନ୍ତିୟ ସବିଶେଷ ବିବରଣୀ ଗଜପତି ଜିଲ୍ଲା ୱେବସାଇଟରେ **<u>(www.gajapati.odisha.gov.in)</u>** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ କରିବା ହେବେ ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

# ମୀନା ବଜାର ନିଲାମ ଇସ୍ତାହାର- ୨୦୨୫

**ପତ୍ର ସଂଖ୍ୟା. ୨୪୧୨** **ତା. ୧୪.୦୫.୨୦୨୫**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉ ଯେ, ଚଳିତ **୨୦୨୫** ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ସମ୍ମୁଖରେ ଥିବା ପଡ଼ିଆଠାରେ ମୀନା ବଜାର ଆୟୋଜନ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି।

ଏଣୁ ଇଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆସନ୍ତା **ତା ୨୮.୦୫.୨୦୨୫ ରିଖ ଦିବା ୨.୦୦ ଘଣ୍ଟା** ମଧରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆ ଖାମରେ ଟେଣ୍ଡର ପେପର ନିମନ୍ତେ ନିର୍ଦ୍ଧାରିତ ବାକ୍ସରେ ପକାଇବା ପାଇଁ ଆହ୍ଵାନ କରାଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୨୮.୦୫.୨୦୨୫ ରିଖ ଅପରାହ୍ଣ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର ର ସର୍ବନିମ୍ନ ମୂଲ୍ୟ **ଟ ୫୦,୦୦,୦୦୦/- ଙ୍କା** (ପଚାଶ ଲକ୍ଷ ଟଙ୍କା ମାତ୍ର) ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ପେପର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର ପେପରଟି ରଦ୍ଧ କରି ଦିଆଯିବ । ଯଦି ସମସ୍ତ ନିଲାମ ଧାରୀ ଅସଫଳ ହୁଅନ୍ତି ତାହାହେଲେ ସେମାନଙ୍କ ସହ ଚୁକ୍ତି ପୂର୍ବକ ଆଲୋଚନା ମାଧମରେ ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବାପାଇଁ ନିମ୍ନ ସ୍ଵାକ୍ଷରକାରୀଙ୍କ ଅଧିକାର ଅଛି । ଇଛୁକ ବ୍ୟକ୍ତି ଅମାନତ ରାଶି **ଟ ୫,୦୦,୦୦୦/-ଙ୍କା** (ପାଞ୍ଚ ଲକ୍ଷ ଟଙ୍କା ମାତ୍ର) ପାରଳାଖେମୁଣ୍ଡି ସହରରେ ଅବସ୍ଥିତ ଯେକୌଣସି ଜାତୀୟକରଣ ବ୍ୟାଙ୍କ ଦ୍ଵାରା Secretary, Ratha Yatra Committee, Paralakhemundi ଙ୍କ ନାମରେ ଜାରି ହୋଇଥିବା ବ୍ୟାଙ୍କରସ୍ ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଟେଣ୍ଡର ପେପର ସହ ଦାଖଲ କରିବେ ଏବଂ ଅସଫଳ ନିଲାମଧାରୀ ଦେଇଥିବା ଚେକ୍ / ଡ୍ରାଫ୍ଟ ଫେରସ୍ତ ଦିଆଯିବ । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନିଲାମର ବକେୟା ଅର୍ଥ ତତକ୍ଷଣାତ ନଗଦ ଆକାରରେ ପୈଠ କରିବାକୁ ବାଧ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ଟେଣ୍ଡର ପେପର ସହତି ପୈଠ କରିଥିବା ଅମାନତ ରାଶି ବାଜ୍ୟାପ୍ତି (Forfeit) କରାଯିବ** ଏବଂ ପରବର୍ତ୍ତୀ ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ। ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମୀନା ବଜାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ବୈଧ ଅନୁମତି ପତ୍ର , ଯାନ୍ତ୍ରିକ ବିଭାଜନ (Mechanical Division) ଦ୍ଵାରା ପ୍ରଦତ୍ତ ନିରାପତ୍ତା ପ୍ରମାଣ ପତ୍ର ଟେଣ୍ଡର ପେପର ସହିତ ଦାଖଲ କରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧମରେ ନିଲାମ ଡାକିଥିବା ବ୍ୟକ୍ତି ବା ଅନୁଷ୍ଠାନକୁ **ତା ୨୭.୦୬.୨୦୨୫ ରିଖ** ଠାରୁ **୧୦.୦୭.୨୦୨୫** ପର୍ଯ୍ୟନ୍ତ ମୀନାବଜାର ଆୟୋଜନ ପାଇଁ ଆଦେଶ ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ବା ସମସ୍ତ ଟେଣ୍ଡର ପେପର ଗୁଡିକ କୌଣସି କାରଣ ନ ଦର୍ଶାଇ ରଦ୍ଧ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କର ଅଛି ।

ନିମ୍ନ ନିର୍ଦ୍ଧାରିତ ମୂଲ୍ୟ ପ୍ରକାରେ ନିଲାମ ଧାରି ବିଭିନ୍ନ ଖେଳ ଓ ପ୍ରଦର୍ଶନ ଗୁଡିକ ଉପରେ (**ତା ୨୭.୦୬.୨୦୨୫ ରିଖ** ଠାରୁ **୧୦.୦୭.୨୦୨୫ ପର୍ଯ୍ୟନ୍ତ**) ଶୁଳ୍କ ଆଦାୟ କରିବେ ।

**୧. ରାମ ଦୋଳି - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**
**୨. ମୌଥକା କୂଅ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**
**୩.ଡ୍ରାଗନ ଟ୍ରେନ୍ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**
**୪. ବ୍ରେକ ଡ୍ୟାନସ୍ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**
**୫. ମ୍ୟାଜିକ୍ ସୋ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**
**୬. ଶିଶୁ (୧୨ ବର୍ଷ ପର୍ଯ୍ୟନ୍ତ) ମାନଙ୍କ ପାଇଁ ପ୍ରଦର୍ଶନ ଓ ଖେଳ ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**
**୭. ଅନ୍ୟାନ ଉପକରଣ (କମିଟିର ଅନୁମୋଦନ ପ୍ରକାରେ)**

ବି.ଦ୍ର. - ତିନୋଟି ରଥ ଅବସ୍ଥାପିତ ନିମନ୍ତେ ଚିହ୍ନଟ ହୋଇଥିବା ଅଞ୍ଚଳ ମଧରେ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ । ଟିକଟ ମୂଲ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିଲାମଧାରୀଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

ପରିପତ୍ର ସଂଖ୍ୟା. **୨୪୧୩** **ତା. ୧୪.୦୫.୨୦୨୫**

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲଦାରଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ପାରଳାଖେମୁଣ୍ଡି ପୌରପାଳିକା କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ବହୁଳ ପ୍ରଚାର ଓ ପ୍ରସାର ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

ପରିପତ୍ର ସଂଖ୍ୟା. **୨୪୧୪** **ତା. ୧୪.୦୫.୨୦୨୫**

ଏହାର ଏକକିତା ନକଲ ଜିଲ୍ଲା ବ୍ର-ମହନ୍ତଙ୍କ ପରିଚାଳକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ୱେବସାଇଟରେ **(www.gajapati.nic.in)** odishe.gov.in) ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ (Host) କରିବା ହେବେ ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**